# ଆସନ୍ତା ୧୪.୦୫.୨୦୨୨ ରିଖ ରେ ୨ୟ ଜାତୀୟ ଲୋକ ଅଦାଲତ

ତା.୧୪.୦୫.୨୦୨୨ ରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲ୍ଲହଡା, ଛେଣ୍ଡିପଦା ଓ ବଂଅରପାଳ ସ୍ଥିତ ସମସ୍ଥ ଅଦାଲତ୍ ଗୁଡିକରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାର।ଧିନ ମକଦମା ଯଥା :- ଫୌଜଦାରି (ସାଲିସ ଯୋଗ୍ୟ), ଚେକ ବାଉନସ ମାମଲା, ବ୍ୟାଙ୍କ ରୁଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ ( ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହା ସହିତ ପ୍ରାକ ମକଦମା ସ୍ତରୀୟ (କଚେରୀ ରେ ଦାୟର ହୋଇନଥିବା) ମାମଲା ତଥା  ଚେକ ବାଉନସ ମାମଲା, ବ୍ୟାଙ୍କ ରୁଣ ବିବାଦ,  ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ ( ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦମା ଇତ୍ୟାଦିର ସମାଧାନ ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ହୋଇ ପାରିବ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ଓ ତାଲୁକ ଆଇନସେବା କମିଟି ତାଳଚେର, ଆଠମଲ୍ଲିକ, ପାଲ୍ଲହଡା ଓ  ଛେଣ୍ଡିପଦା ସହିତ ଯୋଗାଯୋଗ କରନ୍ତୁ।